# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ, (ଗଞ୍ଜାମ)

ବିଜ୍ଞପ୍ତି ସଂଖ୍ୟା 3875 /ସୈରାତ ତା. ୨୦.୭.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ନିଲାମ ନିମନ୍ତେ ବିଜ୍ଞାପନ

ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ -2004 ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ)ନିୟମ ୨୦୧୬ ଅନୁଯାୟୀ, ଏତଦ୍ୱାର ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଶେରଗଡ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସକୁ ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ଅର୍ଥାତ ଆର୍ଥିକ ବର୍ଷ ୨୦୨୨-୨୩ ଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୁତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି ।

### ସୈରାତ ଉତ୍ସର ବିବରଣୀ

| କ୍ରମିକ ନଂ | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା | କିସମ | ସରକାରୀ ଧାର୍ଯ୍ୟ ରୟାଲିଟିର ମୂଲ୍ୟ(ପ୍ରତି ଘନ ମି.) (ଟଙ୍କାରେ) | ସର୍ବ ନିମ୍ନ ଧାର୍ଯ୍ୟ ଅତିରିକ୍ତ ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ମୋଟ ସର୍ବ ନିମ୍ନ ଧାର୍ଯ୍ୟ ରୟାଲିଟି ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ବାର୍ଷିକ ଲଘୁଜାତ ଦ୍ରବ୍ୟ (M.G.Q) ଉତ୍ତୋଳନର ପରିମାଣ | ଦରଖାସ୍ତ ପାଉଣା ରାଶିର ପରିମାଣ (ଟଙ୍କାରେ) | ଅମାନତ (EMD) ରାଶି ବାବଦକୁ ଦେୟ (ଟଙ୍କାରେ) ମୋଟ ବିଜ୍ଞାପିତ ଧାର୍ଯ୍ୟ ରୟାଲିଟି ଦେୟର 5% |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ଲକ୍ଷ୍ମୀପୁର (ବି) ପଥର ଉତ୍ସ | ଲକ୍ଷ୍ମୀପୁର | ୧୯୮ | ୪୮୧ ୪୮୨ | ହେ. ୧୨.୨୦୯୯ | ପର୍ବତ | ୧୩୦/- | ୧୦୦/- | ୨୩୦/- | ୨୦୦୨୫ ଘ. ମି | ୧,୦୦୦/- | ୨,୩୦,୨୮୮/- |
| ୨ | ଗୋବିନ୍ଦପୁର ପଥର ଉତ୍ସ | ଗୋବିନ୍ଦପୁର | ୬୪୦ | ୫୯୧/୨୫ | ଏ. ୫.୦୦୦ | ପର୍ବତ | ୧୩୦/- | ୧୦୦/- | ୨୩୦/- | ୮୦୬୪ ଘ. ମି | ୧,୦୦୦/- | ୯୨,୭୩୬/- |

ଲିଜରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପ୍ରରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ ଆନୁସଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟ ବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓ OMMC-rule-2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ସହିତ sealed cover ରେ ଆବେଦନ କରିବେ ।

1.OMMC- Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତ କାରୀଙ୍କ ଦ୍ୱାରା ଦସ୍ତଖସ୍ତ କରାଯାଇଥିବା 3 କିତା Form M ( 3 Copies) ଦାଖଲ କରିବେ ।

2. ଦରଖାସ୍ତ ଫି ବାବଦକୁ ଟ. 1000/- (ଏକ ହଜାର ଟଙ୍କା) ର ଟ୍ରେଜରୀ ଚାଲାଣ ମାଧ୍ୟମରେ (Head of Account-0853-Non Ferrous Mining & Meteorological Industries- 102-Mineral Concession Fees, Rent & Royalties of) ଜମା କରି ପେୟ ଦାଖଲର Original Challan ଦାଖଲ କରିବେ । ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

(ଅପର ପୃଷ୍ଠା ଦେଖନ୍ତୁ)

Scanned with CamScanner

3. ଉତ୍ସ ର ନାମ ତଫସିଲ ଏବଂ ଟ୍ରେସ ମେପ ଓ ସରହଦ ବିବରଣୀ ସମ୍ପୃକ୍ତ ରାଜସ୍ୱ ନିରିକ୍ଷକଙ୍କ ଦସ୍ତଖତ ସମ୍ବଳିତ କପି ସଲଗ୍ନ କରିବା ହେବେ ।

4. ଦରଖାସ୍ତ କାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

5. ଦରଖାସ୍ତ କାରୀ ବିଜ୍ଞାପନରେ ଦର୍ଶଯାଇଥିବା ସରକାରୀ ଧାର୍ଯ୍ୟ Royalty (ଟ. ୧୩୦.୦୦ ଓ ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ଦେୟ (ଟ. ୧୦୦.୦୦) ସର୍ବମୋଟ ସର୍ବନିମ୍ନ ଧାର୍ଯ୍ୟ Royalty ଘନ ମିଟର ପ୍ରତି ଟ. ୨୩୦.୦୦ ଉପରେ ଯାହା ଅତିରିକ୍ତ ଦେୟ ଅଫର କରିବେ ସମୁଦାୟ ସେହି ମୂଲ୍ୟ ସହ ବାର୍ଷିକ M.G.Q (ଘନ ମିଟର) ପଥର ଉତୋଳନ ପାଇଁ ହେଉଥିବା ସମୁଦାୟ ଦେୟ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷର ଆୟକର return ଦାଖଲ କରିବେ କିମ୍ବା Bank Guarantee ଦାଖଲ କରିବେ ଯାହାର ଅବଧି 18 ମାସ ହେବା ଆବଶ୍ୟକ । (Requisite - I.T Return for the year 2021-22 / Bank Guarantee = M.G.Q X(Royalty + offered Addl. Charge over Rs. ୨୩୦/- by the applicant) । ଯଦି ଦରଖାସ୍ତ କାରୀ ଏକାଧିକ ସୈରାତ ଉତ୍ସ ନିମନ୍ତେ ଆବେଦନ କରିଥାନ୍ତି, ତେବେ କ୍ରମାନୁସାରେ ସୈରାତ ଉତ୍ସ ଗୁଡିକୁ ନିଲାମକୁ ନିଆଯିବ । ଦରଖାସ୍ତ କାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଉପରୋକ୍ତ ହିସାବ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷର ଆୟକର Return କିମ୍ବା Bank Guarantee ମୂଲ୍ୟକୁ ଗ୍ରହଣ କରାଯିବ । ଦାଖଲ କରିଥିବା ୨୦୨୧-୨୨ ଆର୍ଥିକ ବର୍ଷର ଆୟକର Return କିମ୍ବା Bank Guarantee ଅନ୍ୟତ୍ର ସମ୍ପୂର୍ଣ ଦାଖଲ ହୋଇନଥିବା ଆବଶ୍ୟକ ।

6. ଦରଖାସ୍ତ କାରୀ ଆବେଦନ କରୁଥିବା ସୈରାତ ଉତ୍ସ ର **EMD (Earnest Money Deposit )** ବ୍ୟାଙ୍କ ଡାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ ବିଜ୍ଞାପନ ଧାର୍ଯ୍ୟ ପ୍ରକାରେ **(Minimum Guaranteed Quantity) x (Royality + Additional Charges as specified in advertisement)** ର ଶତକଡା 5 % ରହିବ ଏବଂ ଉକ୍ତ ବ୍ୟାଙ୍କ ଡାଫ୍ଟ ତହସିଲଦାର, ଶେରଗଡଙ୍କ ନାମରେ କରିବା ବାଞ୍ଛନୀୟ, ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

7. ଦରଖାସ୍ତ କାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଆର୍ଥିକ ସ୍ଥିତି ଇତ୍ୟାଦି ପ୍ରମାଣ ପତ୍ର ସଲଗ୍ନ କରିପାରନ୍ତି ।

8. ଦରଖାସ୍ତ କାରୀ ଶେଷ ଆର୍ଥିକ ବର୍ଷର ଆୟକର ଦାଖଲ (Income Tax Filling) ବିବରଣୀ ର ନକଲ / GST Clearance Certificate/PAN କାର୍ଡ/Aadhar କାର୍ଡର ନକଲ ଦାଖଲ କରିବେ ।

9. ଦରଖାସ୍ତ କାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସ କୁ ପରିଦର୍ଶନ କରି ଥିବାର ଏକ ସ୍ୱ ଘୋଷିତ ଲିଖିତ ନାମା (Self-Declaration) ଦାଖଲ କରିବେ ।

10. ଦରଖାସ୍ତ କାରୀ ଯଦି ନିଲାମରେ ସଫଳ ହୁଅନ୍ତି ତେବେ ସୈରାତ ଉତ୍ସର Mining Plan, EC Preparation & Sairat Advertising Cost in News paperର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବାକୁ ଏକ ସତ୍ୟପାଠ ଦାଖଲ କରିବେ

11. ଦରଖାସ୍ତ କାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନ କାରୀଙ୍କ ନାମ,ଠିକଣା ଓ ଫୋନ୍ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

(ଅପର ପୃଷ୍ଠା ଦେଖନ୍ତୁ)

Scanned with CamScanner

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ ଲଫାପାରେ Registered Post/ Speed Post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟର ପ୍ରକୋଷ୍ଠରେ ଥିବା ଜଉମଦ ଦିଆ ଟେଣ୍ଡର ବକ୍ସରେ **ତା. ୧୫.୧୦.୨୦୨୨ ରିଖ ଠାରୁ ୨୬.୧୦.୨୦୨୨ ମଧରେ ଅପରାହ୍ନ ଘ. ୫.୩୦ ମି ସୁଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସ, କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧରେ ପକାଇବା ଆବଶ୍ୟକ । ତା. ୨୬.୧୦.୨୦୨୨ ରିଖ ଅପରାହ୍ନ ଘ. ୫.୩୦ ମି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ତା. ୨୭.୧୦.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ମି** ସମୟରେ ଶେରଗଡ ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କାର୍ଯାଳୟ ପ୍ରୋକୋଷ୍ଠରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rule-2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ରୁ ସର୍ବୋଚ ଅତିରିକ୍ତ ଦେୟ ଉଲ୍ଲେଖ କରି ଥିବା ଦରଖାସ୍ତ କାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରି ଦିଆଯିବ ।

ଯଦି କୌଣସି ସୈରାତ ଉସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତା. **୨୮.୧୦.୨୦୨୨ ରିଖ ଠାରୁ ତା. ୨୯.୧୦.୨୦୨୨ ଅପରାହ୍ନ ଘ. ୫.୩୦ମି. ପର୍ଯ୍ୟନ୍ତ ପୂନର୍ବାର Registered Post/ Speed Post/ ଟେଣ୍ଡର ବକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା. ୩୧.୧୦.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ମି** ସମୟରେ ଶେରଗଡ ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କାର୍ଯାଳୟ ପ୍ରୋକୋଷ୍ଠରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବା ।

ସେହିପରି ଯଦି କୌଣସି ସୈରାତ ଉସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତା. **୦୧.୧୧.୨୦୨୨ ରିଖ ଠାରୁ ତା. ୦୨.୧୧.୨୦୨୨ ଅପରାହ୍ନ ଘ. ୫.୩୦ ମି. ପର୍ଯ୍ୟନ୍ତ ପୂର୍ନବାର Registered Post/ Speed Post ଟେଣ୍ଡର ବକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା. ୦୩.୧୧.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ମି** ସମୟରେ ଶେରଗଡ ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କାର୍ଯାଳୟ ପ୍ରୋକୋଷ୍ଠରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବା

ଠିକଣା
ତହସିଲଦାର, ଶେରଗଡ
ଗ୍ରା/ପୋ- ଶେରଗଡ, ଜି-ଗଞ୍ଜାମ, ପିନ୍ -୭୬୧୧୦୬

ତହସିଲଦାର, ଶେରଗଡ (ଗଞ୍ଜାମ)
Tahasildar
Sheragada (Gm.)

## ସର୍ତ୍ତାବଳୀ

1. ଆବେଦନ କାରୀ ମାନେ OMMC-rule-2016 ଏବଂ ଏହାର Amendments Rule ର ପରିସର ଭୁକ୍ତ ରହିବେ ।
2. ଆବେଦନ କାରୀ ଲିଜ ପାଇଁ ଉର୍ଦ୍ଧ୍ୱସ୍ଥ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉସ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଅନ୍ୟାନ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟ ବେକ୍ଷଣ କରି ଏହି

(ଅପର ପୃଷ୍ଠା ଦେଖନ୍ତୁ)

Scanned with CamScan

ଲିଜ ଉର୍ଦ୍ଧ୍ବ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇ ଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

3. ଲିଜ ଧାରୀ Mining Plan, EC ଏବଂ Advertising Cost in News Paper ର ସମସ୍ତ ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ ନିଲାମ ଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

4. ପଥର ସୈରାତ ଉତ୍ସ ପାଇଁ ଘନ ମିଟର (Per Cubic Meter) ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ OMMC ବିଜ୍ଞପ୍ତି ମୁତାବକ ଧାର୍ଯ୍ୟ କରାଯାଇଛି ।

5. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଏବଂ Royality ର ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନକରିଥିବା ଦରଖାସ୍ତ କାରୀ ଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

6. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ଏବଂ Additional Charge ମୂଲ୍ୟର ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଲିଜ ଧାରକ ବିବେଚିତ କରାଯିବ ।

7. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

8. ଚୟନ କରାଯାଇ ଥିବା ନିଲାମ ଧାରୀଙ୍କୁ କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ Form- F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form- F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇ ଥିବା ନିଲାମ ଧାରୀ ନିଲାମ ନେବା ନେଇ ସ୍ୱୀକୃତି ପ୍ରଦାନ କରିବେ । ଏବଂ ବାର୍ଷିକ ଦେୟ **(Minimum Guaranteed Quantity) x (Royalty + Offered Additional Charges) + District Mineral Foundation)** ର ଏକ ଚତୁର୍ଥାଂଶ **Earnest Money** କୁ ବାଦ ଦେଇ ବଳକା ରାଶିର ପରିମାଣ (ଅମାନତ ରାଶି) ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା **Earnest Money** କୁ ସୁଧ ରହିତ ଅମାନତ ରାଶି **(Security Deposit)** ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନିତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀଙ୍କ Earnest Money କୁ ବାଜ୍ୟାପ୍ତି କରାଯିବ । ନିଲାମ ଧାରୀ ଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇ ଥିବା ଆବେଦନ କାରୀଙ୍କ Earnest Money କୁ ଫେରସ୍ତ କରି ଦିଆଯିବ ।

9. ନିଲାମ ଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ ଓ ପରିବେଶ ମଞ୍ଜୁରୀ ପ୍ରାପ୍ତି ପରେ Form-N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି (Registration Act 1908 & Stamp Act 1890 &1899 ଅନୁଯାୟୀ) ସମ୍ପାଦନ କରିବେ ।

10. OMMC Rule-2016 ନିୟମବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

(ଅପର ପୃଷ୍ଠା ଦେଖନ୍ତୁ)

Scanned with CamScanner

11. ଲିଜ ଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royality, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ ଦେୟର OMMC Rule-2016 ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ ।

12. ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସକୁ କାର୍ଯ୍ୟକ୍ଷମକରି ପାରିବେ ନାହିଁ ।

14. ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ କାଗଜାତ ଶେରଗଡ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟ ଦିବସର ସରକାରୀ କାର୍ଯ୍ୟ ନିର୍ଘଣ୍ଟରେ ପାଇ ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଗଞ୍ଜାମ ଜିଲ୍ଲା ସରକାରୀ ୱେବ ସାଇଟ୍ www.ganjam.nic.in ରେ ଦେଖିବା ପାଇଁ ଉପଲବ୍ଧ ଅଟେ ।

15. କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ସଂଶୋଧନ କରିପାରିବେ ।

16. ନିଲାମ ଦରଖାସ୍ତ କାରୀ ମାନେ ଓଡିଶା ଲଘୁ ଖଣିଜ ନିୟମ 2016 (OMMC Rule-2016) ଏବଂ ତଦ୍ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

17. ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉ ଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ

18. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରି ପାରିବେ ।

19. ଲିଜ ଅବଧି ମଧ୍ୟରେ ଲିଜ ଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।

20. ଲିଜ ଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

ତହସିଲଦାର, ଶେରଗଡ଼ (ଗଞ୍ଜାମ)
Tahasildar
Sheragada (Gm.)

ପତ୍ର ସଂଖ୍ୟା- 3876 / ତାରିଖ- 20.9.2022

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ / ଉପ-ଜିଲ୍ଲାପାଳ, ଭଞ୍ଜନଗରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଶେରଗଡ଼ (ଗଞ୍ଜାମ)
Tahasildar
Sheragada (Gm.)

(ଅପର ପୃଷ୍ଠା ଦେଖନ୍ତୁ)

Scanned with CamScanner

ପତ୍ର ସଂଖ୍ୟା- 3877 /                    ତାରିଖ- 20.7.2022

ଏହାର ଏକକିତା ନକଲ NIC, Ganjam ଙ୍କ ଅବଗତି ନିମନ୍ତେ ତଥା ଗଞ୍ଜାମ ଜିଲ୍ଲା Web Site ରେ ଆସନ୍ତା ତା. ୨୬.୦୯.୨୦୨୨ ଠାରୁ ୦୩.୧୧.୨୦୨୨ ରିଖ ପର୍ଯ୍ୟନ୍ତ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଶେରଗଡ଼ (ଗଞ୍ଜାମ)
Tahasildar
Sheragada (Gm.)

ପତ୍ର ସଂଖ୍ୟା- 3878 /.                    ତାରିଖ- 20.7.2022

ଏହାର ଏକକିତା ନକଲ ବି.ଡି.ଓ, ଶେରଗଡ/ ଭାରାପ୍ରାପ୍ତ ଅଧୀକାରୀ, ଶେରଗଡ ପୋଲିସ୍ ଥାନା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଶେରଗଡ଼ (ଗଞ୍ଜାମ)
Tahasildar
Sheragada (Gm.)

ପତ୍ର ସଂଖ୍ୟା- 3879                    ତାରିଖ- 20.7.2022

ଏହାର ଏକକିତା ନକଲ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ସମସ୍ତ ରାଜସ୍ବ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ଉତ୍ସ ଗୁଡିକ ଥିବା ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଶେରଗଡ (ଗଞ୍ଜାମ)
Tahasildar
Sheragada (Gm.)

Scanned with CamScan